ପାଠ-୧୪

# ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ

**STUDY NOTES**

## MIND MAP



## ସୃଜନାଭିମୁଖ୍ୟ

ଓଡ଼ିଆ ଗଳ୍ପ ସାହିତ୍ୟରେ ଆପଣାର ଏଇ ନିଆରା ସର୍ଜନା-ଧାରା ପାଇଁ ତାଙ୍କୁ ୧୯୮୪ ମସିହାରେ 'ବନ୍ଧ୍ୟା ଗାନ୍ଧାରୀ' ଗଳ୍ପ ପୁସ୍ତକ ନିମିତ୍ତ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଜୀବନର ଅର୍ଦ୍ଧଶତାବ୍ଦୀ ପୂରଣର କିଞ୍ଚିତ କାଳ ପରେ ଏଇ ସାରସ୍ୱତ ଶିଳ୍ପୀ ଓଡ଼ିଆ ଗଳ୍ପ ରଚନାରୁ ଚିରକାଳ ପାଇଁ ଅନ୍ତର୍ହିତ ହୋଇଗଲେ। ୧୯୩୫ ମସିହାରେ ଭୂମିଷ୍ଠ ଗାଳ୍ପିକ ରବି ପଟ୍ଟନାୟକଙ୍କର ଦେହାନ୍ତ ହୋଇଗଲା ୧୯୯୧ ମସିହାରେ; ଅଥଚ ତାଙ୍କ ଗଳ୍ପର ପ୍ରଭାବ ଅତୁଟ ରହିଗଲା, ଅନତିକ୍ରମଣୀୟ ହୋଇ ରହିଗଲା ଆମ ପାଠକ ସମାଜରେ। ଗଳ୍ପ ସହିତର ଇତିହାସରେ, ସମାଲୋଚକଙ୍କ ମୁକ୍ତ ବିଚାରରେ, ଯେଉଁଥିପାଇଁ ତାଙ୍କୁ ମିଳିଥିଲା ୧୯୯୧ ମସିହାରେ ମରଣୋତ୍ତର 'ସାରଳା ପୁରସ୍କାର'।

**ଗଳ୍ପର ପ୍ରମୁଖ ବକ୍ତବ୍ୟ-**

'ବେଲ, ଅଶ୍ୱ ଓ ବଟବୃକ୍ଷ' ଗଳ୍ପଟି ବହୁଚର୍ଚ୍ଚିତ, ଲୋକପ୍ରିୟ ପତ୍ରିକା 'ନବରବି'ର ୫ମ ବର୍ଷ, ୫ମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ନଭେମ୍ବର ୧୯୭୪ରେ ଏହି ପତ୍ରିକାରେ ଗଳ୍ପଟିର ପ୍ରଥମ ପ୍ରକାଶନ ଘଟିଥିଲା। ମାଆ ଓ ମାତୃଭୂମି ପ୍ରତି ଆକର୍ଷଣ, ପରିବେଶ ପ୍ରତି ସଚେତନତା ଓ ସାମ୍ପ୍ରତିକ ଜୀବନଭୂମିର ପ୍ରମୁଖ ବାସ୍ତବତାକୁ ଆଲୋଚ୍ୟ ଗଳ୍ପରେ ଗାଳ୍ପିକ ରୂପାୟନ କରିବାର ପ୍ରୟାସ କରି ଅଛନ୍ତି। ବେଲବୃକ୍ଷକୁ ଏହି ଗଳ୍ପରେ ଜନନୀ (ମାଆ)ର ପ୍ରତୀକ ଓ ଅଶ୍ୱତ୍ଥ ବୃକ୍ଷକୁ ତଥା ବଟବୃକ୍ଷ ତହିଁରୁ ସୃଷ୍ଟି ହୋଇଥିବା ହେତୁ ଏଥିରେ ବାତ୍ସଲ୍ୟ ଓ ମାତୃତ୍ୱର ଅନାବିଳତା ତଥା ମହାନତା ପ୍ରସଙ୍ଗକୁ ଗାଳ୍ପିକ ସୂଚିତ କରିଛନ୍ତି। ଏ ସମସ୍ତ ବୃକ୍ଷ ହିନ୍ଦୁ ଚେତନାରେ ପବିତ୍ର ଓ ଆରାଧନାଯୋଗ୍ୟ। ପୁଣି ଏହି ଗଳ୍ପରେ ଗାଳ୍ପିକ ବାତ୍ସଲ୍ୟ ଓ ମାତୃତ୍ୱର ମହାନତା ପ୍ରସଙ୍ଗକୁ ପ୍ରକାଶ କରିବା ସହିତ ଗଳ୍ପଟିକୁ ବେଶ୍ ମର୍ମସ୍ପର୍ଶୀ କରି ଦେଇଛନ୍ତି।

'ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ' କଥାବସ୍ତୁର ଆରମ୍ଭରେ ଗାଳ୍ପିକ ଭାଗବତରୁ ନିମ୍ନଲିଖିତ ପଙ୍କ୍ତି ଉଦ୍ଧାର କରିଛନ୍ତି-

"ଧନ୍ୟ ଜୀବନ ଏ ଜଗତେ। ଯେ ପ୍ରାଣ ଧରେ ପ୍ରାଣୀ ହିତେ॥
ଧନ୍ୟ ଜୀବନ ଧନ୍ୟ ତାର। ଦୁର୍ଲଭ କର୍ମ ଏ ବେଭାର॥
ଏହା ମୁଁ ବୃକ୍ଷଙ୍କର ସ୍ଥାନେ। ଶିଖିଲି ପର୍ବତ ଗହନେ॥"

ଭାଗବତର ଏହି ବାଣୀର ଆଦର୍ଶରେ ଗଳ୍ପର ବିଷୟବସ୍ତୁଟି ଲିଖିତ ହୋଇଛି।

ମା'ର ଦେହ ଖରାପ ବୋଲି ତା' ପାଇଁ ନଟବରବାବୁ ଗାଁକୁ ବାହାରିପଡ଼ିଲେ; ମାତ୍ର ବସ୍‌ଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ସରକାରୀ ବସ୍‌ଟି ଛାଡ଼ିଦେଇଛି। ସରକାରୀ ବସ୍‌ରେ ଯାଇଥିଲେ ନ'ଟା ବେଳକୁ ସିଧା ଯାଇ ଗାଁ ପାଖରେ ପହଞ୍ଚିଥା'ନ୍ତେ। ଏବେ ଅନ୍ୟ ଉପାୟ ନ ହୋଇ ପଛ ପ୍ରାଇଭେଟ୍ ବସ୍‌ରେ ଗଲେ। ଗାଁ ପାଖ ବସ୍‌ଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ଏଗାରଟା ବାଜିଲାଣି। ବୈଶାଖ ମାସ ଖରା। ଖରା ତେଜରେ ବାହାରକୁ ଚାହିଁ ହେଉନଥାଏ। ପବନଟା ନିଆଁପରି ତାତିଥାଏ। ନଟବରବାବୁ ବସ୍‌ରୁ ଓହ୍ଲାଇ ବସ୍‌ଷ୍ଟାଣ୍ଡ ପାଖ ପାନ, ଜଳଖିଆ ଦୋକାନ କରିଥିବା ହରି ସାହୁ ଗୁଡ଼ିଆ ଦୋକାନକୁ ମୁହାଁଇଲେ।

ODM EDUCATIONAL GROUP Changing your Tomorrow